## ‘ଅନଲକ୍-୨’ : ନୂଆ ଗାଇଡ୍‌ଲାଇନ୍ ଜାରି

# ଜୁଲାଇ ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ, ସିନେମାହଲ୍, ବିମାନସେବା ବନ୍ଦ

**ନୂଆଦିଲ୍ଲୀ, ୨୯।୬/ଏଜେନ୍ସି :**

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜାରି କରାଯାଇଥିବା ଅନ୍‌ଲକ୍-୧ର ଅବଧି ମଙ୍ଗଳବାର ମଧ୍ୟରାତ୍ରରେ ଶେଷ ହେବାକୁ ଯାଉଥିଲା ବେଳେ ସୋମବାର ରାତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନଲକ-୨ ନେଇ ନୂଆ ଗାଇଡ୍‌ଲାଇନ୍ (ମାର୍ଗଦର୍ଶିକା) ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଏହି ଗାଇଡ୍‌ଲାଇନ୍‌ରେ କୁହାଯାଇଛି ରାତି ୧୦ ରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ। ଜୁଲାଇ ୩୧ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଓ କୋଚିଙ୍ଗ ସେଣ୍ଟର ବନ୍ଦ ରହିବ। ଅନ୍ତର୍ଜାତୀୟ ବିମାନ ସେବା ଓ ମେଟ୍ରୋ ରେଳ ସେବା ମଧ୍ୟ ବନ୍ଦ ରହିବ। କଣ୍ଟେନମେଣ୍ଟ ଜୋନ୍‌ରେ ଲକ୍‌ଡାଉନ୍ କଟକଣା ବଳବତ୍ତର ରହିବା ସହିତ ଏହାକୁ ଅଧିକ କଡାକଡି ଭାବରେ ଲାଗୁ କରାଯିବ। ଜିଲ୍ଲା ପ୍ରଶାସନ କରୋନା ସଂକ୍ରମଣକୁ ବିଚାର କରି କଣ୍ଟେନମେଣ୍ଟ ଜୋନ୍ ନିର୍ଦ୍ଧାରଣ କରିବେ। ଅନଲକ୍-୧ ଭଳି ଅନଲକ୍-୨ରେ ସିନେମାହଲ୍, ଜିମ୍, ସୁଇମିଂପୁଲ୍, ବାର୍, ପାର୍କ ଆଦି ବନ୍ଦ ରହିବ। କ୍ରୀଡ଼ା ଓ ମନୋରଞ୍ଜନଭିତ୍ତିକ ସମାବେଶ କରାଯାଇପାରିବ ନାହିଁ। କୌଣସି ସାମାଜିକ ସମାବେଶ ମଧ୍ୟ ଅନୁଷ୍ଠିତ ହୋଇପାରିବ ନାହିଁ। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ସହ ଆରୋଗ୍ୟ ସେତୁ ଆପ୍ ବ୍ୟବହାର କରିବା ବାଧ୍ୟତାମୂଳକ ବୋଲି ଏହି ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ଆସନ୍ତାକାଲି ଅପରାହ୍ଣ ୪ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସମ୍ପର୍କରେ ଦେଶବାସୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

Tue, Jun 30, 2020